# ଗ୍ରାମୀଣ କୃଷି ମୌସମ ସେବା

## ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର

ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧

(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)

**ପତ୍ରିକା ସଂଖ୍ୟା-୪୮/୨୫**

**ଜିଲ୍ଲା-ଭଦ୍ରକ** ତା.୧୭.୦୬.୨୦୨୫

**ପାଣିପାଗ ପୂର୍ବାନୁମାନ ( ତା.୨୨.୦୬.୨୦୨୫ ପର୍ଯ୍ୟନ୍ତ )-** ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ,**ଜିଲ୍ଲାରେ ଆସନ୍ତା ୫ ଦିନ ହାଲୁକାରୁ ଭାରି ବର୍ଷା ହେବାର ସମ୍ଭାବନା ଅଛି ।** ପବନର ବେଗ ୧୧-୧୮ କିମି / ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି | ସର୍ବାଧିକ ତାପମାତ୍ରା ଏବଂ ସର୍ବନିମ୍ନ ତାପମାତ୍ରା ଆସନ୍ତା ପାଞ୍ଚ ଦିନ ପାଇଁ ଯଥାକ୍ରମେ ୩୧-୩୪°C ଏବଂ ୨୫-୨୭° C ରହିବାର ସମ୍ଭାବନା ରହିଛି |

| DISTRICT | Date | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| BHADRAK | 18-06-2025 | 40 | 31 | 25 | 7 | 83 | 70 | 18 | 239 |
| | 19-06-2025 | 65 | 32 | 26 | 8 | 88 | 75 | 16 | 237 |
| | 20-06-2025 | 10 | 33 | 26 | 7 | 83 | 63 | 14 | 236 |
| | 21-06-2025 | 8 | 33 | 27 | 6 | 81 | 55 | 12 | 243 |
| | 22-06-2025 | 8 | 34 | 27 | 6 | 77 | 54 | 11 | 268 |

### ପାଣିପାଗଭିତ୍ତିକ କୃଷି ଓ ପଶୁପାଳନ ଉପଦେଶ

| | | |
|---|---|---|
| **ସାଧାରଣ ଉପଦେଶ** | ➢ ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ ,ଆସନ୍ତା ୫ ଦିନ ହାଲୁକା ରୁ ଭାରି ବର୍ଷା ହେବାର ସମ୍ଭାବନା ଅଛି ,ଚାଷୀମାନେ ଧାନ ନର୍ସରୀ କିମ୍ବା ପନିପରିବା ବଗିଚାରୁ ଅତିରିକ୍ତ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରନ୍ତୁ।<br>➢ ଚାଷୀମାନଙ୍କୁ ଜଳସେଚନ ସମୟରେ କିମ୍ବା କୌଣସି ପ୍ରକାର ସିଞ୍ଚନ କାର୍ଯ୍ୟ ସମୟରେ ଉପଯୁକ୍ତ ଯତ୍ନ ନେବାକୁ ପରାମର୍ଶ।<br>➢ ବର୍ଷାଜଳର ଉତ୍ତମ ବିନିଯୋଗ ପାଇଁ ଠିକ୍ ସମୟରେ ପନିପରିବା ରୋପଣ ପାଇଁ ନର୍ସରୀ ଶଯ୍ୟାକୁ ପ୍ରସ୍ତୁତ କର।<br>➢ ପାଣି ଜମି ରହିଥିଲେ ମଞ୍ଜି ବୁଣନ୍ତୁ ନାହିଁ।<br>➢ ଧାନ ଚାଷ ପାଇଁ ଗୁଣବତ୍ତା ବିହନ ବ୍ୟବହାର କରନ୍ତୁ-ଯଥା-<br>ମଝିଆଳି ଜମି ପାଇଁ -ଶାଳନ୍ଦୀ ,କଳିଙ୍ଗ ଧାନ -୧୩୦୧ ,ପ୍ରତୀକ୍ଷା<br>ଖାଲ ମଝିଆଳି ଜମି ପାଇଁ -ସ୍ୱର୍ଣ୍ଣ ,ରାଣୀଧାନ , କଳିଙ୍ଗ ଧାନ -୧୪୦୧ ,MTU -୧୧୪୦<br>ଖାଲ ଜମି ପାଇଁ - କଳିଙ୍ଗ ଧାନ -୧୦୫୧ , କଳିଙ୍ଗ ଧାନ -୧୦୫୨ ,କଳାଚମ୍ପା, CR-୧୦୦୯<br>ବନ୍ୟା ଅଞ୍ଚଳ ପାଇଁ –ସ୍ୱର୍ଣ୍ଣ ସବ ୧ ,CR-୧୦୦୯ ସବ ୧ | |
| **ଫସଲର ନାମ** | **ଫସଲର ଅବସ୍ଥା** | **ପାଣିପାଗ ଭିତ୍ତିକ ପରାମର୍ଶ** |
| **ଖରିଫ ଧାନ** | ଜମି ପ୍ରସ୍ତୁତି | ➢ ଧାନ ନର୍ସରୀ ରୁ ଅତିରିକ୍ତ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରନ୍ତୁ ।<br>➢ ଖରିଫ ଧାନ ପାଇଁ ଭଲ ଭାବରେ ତଳି ପଟାଳି ପ୍ରସ୍ତୁତ କରି ୧ କେଜି ବିହନ ପ୍ରତି କାରବେଣ୍ଡାଜିମ (୨ ଗ୍ରାମ) ଓ ପ୍ଲାଣ୍ଟୋମାଇସୀନ (୧ ଗ୍ରାମ ) ବିଶୋଧନ କରି ଗାଲି ଗଜା ପ୍ରସ୍ତୁତ କରି ବୁଣନ୍ତୁ ।<br>➢ ଆଗାମୀ ବୃଷ୍ଟିପାତ କୁ ନଜରରେ ରଖି କୃଷକମାନଙ୍କୁ ଖରିଫ ଫସଲ ଉତ୍ପାଦନ ପାଇଁ ଜମି ପ୍ରସ୍ତୁତି /ଖରାଟିଆ ହଳ କରନ୍ତୁ ।ସବୁଜ ଖତ ହିସାବରେ ଧଣିଚା ବିହନ ୧୨kg/ଏକର ବୁଣନ୍ତୁ |
| **ଆମ୍ବ** | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ➢ ଆଗାମୀ ଦିନରେ ବର୍ଷା ହେବାର ସମ୍ଭାବନା ଥିବାରୁ ଆମ୍ବ ଗଛର ୪ ରୁ ୫ ପତ୍ରକୁ ନେଇ ଗୋଟିଏ ସ୍ଥାନରେ ଭେଳା ବାନ୍ଧନ୍ତୁ ।<br>➢ ମଧ୍ୟମ ଓ ବିଳମ୍ବ କିସମ ଫସଲ ୪ରୁ୫ ମାସ ବେଳକୁ ଗଛରେ ଭେଳା ବାନ୍ଧନ୍ତୁ । |
| **ପନିପରିବା** | ନର୍ସରୀ /ଫୁଲ/ଫଳ ଅବସ୍ଥା | ➢ ବୃଷ୍ଟିପାତରୁ ନଷ୍ଟ ନ ହେବା ପାଇଁ ଚାରା କିମ୍ବା ନର୍ସରୀ ଶଯ୍ୟାକୁ ସୁରକ୍ଷିତ ରଖନ୍ତୁ।<br>➢ ବର୍ଷା ଯୋଗୁଁ ଲତାଜାତୀୟ ପନିପନିରିବା ଉପରେ ପ୍ରଭାବ ପଡିବା ର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପନିପନିରିବା କୁ ତୋଳି ଆଣନ୍ତୁ ତଥା ରଞ୍ଜା ମଜବୁତ କରି ଦିଅନ୍ତୁ । |

| | | |
|---|---|---|
| | | ➢ କୀଟନାଶକ ଏବଂ ସାର ପ୍ରୟୋଗ ସିଞ୍ଚନ କାର୍ଯ୍ୟକୁ ସ୍ଥଗିତ ରଖନ୍ତୁ।<br>➢ ପାଣି ଜମି ନରହିବା ପାଇଁ କ୍ଷେତରେ ଜଳ ନିଷ୍କାସନ ସୁବିଧା କରନ୍ତୁ। |
| ଫଳ | | ➢ ଆଗାମୀ ଦିନରେ ବର୍ଷା ସହ ପବନର ହେବାର ସମ୍ଭାବନା ଥିବାରୁ ଅମଳ ଯୋଗ୍ୟ ଫଳକୁ ତୋଳି ଆଣନ୍ତୁ।<br>➢ ଅମୃତଭଣ୍ଡାର ଫଳ ବିକାଶ ପର୍ଯ୍ୟାୟରେ ଗଛକୁ ପବନ ଏବଂ ବର୍ଷାରୁ ରକ୍ଷା କରିବା ପାଇଁ ବାଉଁଶ ଏବଂ ଅନ୍ୟାନ୍ୟ ପ୍ରକାରର କାଠି ସାହାଯ୍ୟରେ ରଞ୍ଜା ଦିଅନ୍ତୁ। |
| ପଶୁପାଳନ | | ➢ ବଜ୍ରପାତ ସମୟରେ ଗାଈ/ଛେଳିମାନଙ୍କୁ ଘର ଭିତରେ ରଖନ୍ତୁ।<br>➢ ପଶୁମାନଙ୍କୁ ରୋଗରୁ ରକ୍ଷା କରିବା ପାଇଁ ଗୁହାଳକୁ ସଫା ରଖନ୍ତୁ। |

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ତାରା , QPM, ଟିସୁ କଲଚର ଗଛ , ଫଳ ଓ ପନିପରିବା , ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)


Mrs. Meera Mahanty
Jr. Agrometeorologist
AMFU, RRTTS, Ranital

Dr. Biswaranjan Nayak
ADR & NODAL OFFICER
AMFU, RRTTS, Ranital